# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20th August – 2025

*************************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ପାରିତ ହେଲା ଅନ୍‌ଲାଇନ୍ ଗେମିଂର ପ୍ରସାର ଓ ନିୟନ୍ତ୍ରଣ ବିଲ୍-୨୦୨୫ ।

— ଇ-କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ସହ ବେଆଇନ ଆର୍ଥିକ କାରବାରରୁ ଲୋକଙ୍କୁ ଏହି ବିଲ୍ ସୁରକ୍ଷା ପ୍ରଦାନ କରିବ; କହିଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।

- ମହିଳାମାନଙ୍କୁ ନ୍ୟାୟିକ ଅଧିକାର ଦେବା ନେଇ ରାଜ୍ୟର ପ୍ରତି ପଞ୍ଚାୟତରେ ନିୟୋଜିତ ହେବେ ଅର୍ଦ୍ଧ ନ୍ୟାୟିକ ସ୍ୱେଚ୍ଛାସେବୀ ।

- ବିଭିନ୍ନ କୃଷି ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ବିଭାଗୀୟ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଲାଗି ପରାମର୍ଶ ଦେଲେ ପ୍ରମୁଖ ସଚିବ ।

ଏବଂ

- କଟକସ୍ଥିତ ସ୍ୱରାଜ ଆଶ୍ରମରେ ମହାତ୍ମାଗାନ୍ଧିଙ୍କ ଦ୍ୱିତୀୟ ଥର ଓଡ଼ିଶା ଗସ୍ତର ଶତବାର୍ଷିକୀ ପାଳିତ ।

**Desk**

# ଅନ୍‌ଲାଇନ୍ ଗେମିଂ ବିଲ୍

ଲୋକସଭାରେ ଆଜି ଅନ୍‌ଲାଇନ୍ ଗେମିଂର ପ୍ରସାର ଓ ନିୟନ୍ତ୍ରଣ ବିଲ୍-୨୦୨୫ ପାରିତ ହୋଇଛି । ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ବାଚନିକ ଭୋଟ୍‌ରେ ଏହି ବିଲ୍ ପାସ୍ ହୋଇଛି । ଏହି ବିଲ୍ ସମ୍ପର୍କରେ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଓ ସୂଚନା, ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅନ୍‌ଲାଇନ୍ ଗେମ୍ ଅନେକଙ୍କ ଜୀବନ ନେଉଛି । ଗତ ୩୧ ମାସରେ ୩୨ ଜଣ ଲୋକ ଅନ୍‌ଲାଇନ୍ ଗେମ୍ ଖେଳି ପ୍ରାଣ ହରାଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

***Voice (Baishnav)*** :..........

ଇ-କ୍ରୀଡ଼ା ଏବଂ ଅନ୍‌ଲାଇନ୍ ସାମାଜିକ ଖେଳକୁ ଏହି ବିଲ୍ ପ୍ରୋତ୍ସାହନ ଦେଉଥିବାବେଳେ ବେଆଇନ ଆର୍ଥିକ କାରବାର, ବିଜ୍ଞାପନ ଆଦିରୁ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବ । ଏ କ୍ଷେତ୍ରରେ ରଣନୈତିକ ବିକାଶ, ନିୟାମକ ତଦାରଖ ପାଇଁ ଏକ ଅନ୍‌ଲାଇନ୍ ଗେମିଂ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା ରହିଛି । ବ୍ୟକ୍ତିବିଶେଷ, ବିଶେଷକରି ଯୁବପିଢ଼ିଙ୍କୁ ଏହି ଖେଳର ସାମାଜିକ, ଆର୍ଥିକ , ମାନସିକ ଏବଂ ଗୋପନୀୟତା ପ୍ରତିକୂଳ ପ୍ରଭାବରୁ ସୁରକ୍ଷା ପ୍ରଦାନ କରିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ସମନ୍ୱିତ ଜାତୀୟ ସ୍ତରୀୟ ଆଇନଗତ ଢାଞ୍ଚା ପ୍ରତିଷ୍ଠା ପାଇଁ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି ।  ଅନ୍‌ଲାଇନ୍ ଗେମିଂରେ ବେଆଇନ ଆର୍ଥିକ କାରବାର ତଥା ଆଇନ ଉଲ୍ଲଂଘନ କ୍ଷେତ୍ରରେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ

ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି । ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ବିଜୟ ମିଶ୍ର ଏହି ବିଲ୍‌କୁ ସ୍ୱାଗତ କରିଛନ୍ତି ।

***Voice (Bijay Mishra)*** :........

***Desk***

## ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଆଜି ଭୁବନେଶ୍ୱର ଲୋକସେବା ଭବନରେ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଏହି ନୂଆ ଭବନରେ ଓଡ଼ିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକ୍କତ, ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ମୁମ୍ବାଇକୁ ଓଡ଼ିଶାରୁ ଅଧିକ ସଂଖ୍ୟକ କର୍କଟ ରୋଗୀ ଚିକିତ୍ସିତ ହେବାକୁ ଯାଉଥିବାରୁ ମୁମ୍ବାଇରେ ଥିବା ଓଡ଼ିଶା ଭବନରେ ଅଧିକ କୋଠରୀ ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

*Desk*

# ଅର୍ଦ୍ଧ-ନ୍ୟାୟିକ ସ୍ୱେଚ୍ଛାସେବୀ

ରାଜ୍ୟର ପ୍ରତି ପଞ୍ଚାୟତରେ ଅର୍ଦ୍ଧ-ନ୍ୟାୟିକ ସ୍ୱେଚ୍ଛାସେବୀ ବା ପାରା-ଲିଗାଲ୍ ଭଲ୍ୟୁଣ୍ଟିୟର୍ସଙ୍କୁ ନିୟୋଜିତ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।  ପୀଡ଼ିତାଙ୍କୁ ପ୍ରାଥମିକ ନ୍ୟାୟିକ ସହାୟତା, ଗ୍ରାମର ସାଧାରଣ ଓ ଜନଜାତି ପରିବାରକୁ ନ୍ୟାୟିକ ଅଧିକାର ପ୍ରଦାନ ଦିଗରେ ଏହି ସ୍ୱେଚ୍ଛାସେବୀ କାର୍ଯ୍ୟ କରିବେ ବୋଲି ମନ୍ତ୍ରୀ କହିଛନ୍ତି । ନିର୍ଯାତନାର ଶିକାର ହେଲେ ସମ୍ପୃକ୍ତ ବ୍ୟକ୍ତି ପ୍ରଥମେ ଅର୍ଦ୍ଧ-ନ୍ୟାୟିକ ସ୍ୱେଚ୍ଛାସେବୀଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଛି । ନ୍ୟାୟିକ ଦିଗ ନେଇ ସମ୍ପୃକ୍ତ ସ୍ୱେଚ୍ଛାସେବୀ ପୀଡ଼ିତାଙ୍କୁ ସହାଯ୍ୟ କରିବା ସହ ସମସ୍ୟାକୁ ଥାନା ଓ କୋର୍ଟ ପର୍ଯ୍ୟନ୍ତ ପହଞ୍ଚାଇପାରିବେ । ଏନେଇ ତୃଣମୂଳ ସ୍ତରରେ ମହିଳାମାନଙ୍କୁ ସଚେତନ କରିବାପାଇଁ ଅଙ୍ଗନଓ୍ୱାଡ଼ି କର୍ମୀଙ୍କୁ ମଧ୍ୟ ସାମିଲ୍ କରାଯିବ ବୋଲି  ଆଇନ ମନ୍ତ୍ରୀ କହିଛନ୍ତି ।

*IPR*

# କୃଷି ଯୋଜନା - ପରିଦର୍ଶନ

ରାଜ୍ୟ ସରକାରଙ୍କଦ୍ୱାରା ପ୍ରଣୀତ ବିଭିନ୍ନ କୃଷି ଯୋଜନା ଓ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବାପାଇଁ କୃଷିବିଭାଗ

ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ପରାମର୍ଶ ଦେଇଛନ୍ତି । ଫଳରେ ତୃଣମୂଳ ସ୍ତରରେ ସ୍ଥିତି ଅନୁଧ୍ୟାନ କରିବା ସହ କୃଷି କ୍ଷେତ୍ରରେ ଆଗଧାଡ଼ିରେ କାର୍ଯ୍ୟ କରୁଥିବା ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ । ପରିଦର୍ଶନ ସମୟରେ ଅଧିକାରୀମାନେ ଯୋଜନା କାର୍ଯ୍ୟାନ୍ୱୟନର ସମୀକ୍ଷା କରି ସାଧାରଣ ଲୋକଙ୍କ ସମସ୍ୟା ଓ ଗସ୍ତର ଏକ ସଂକ୍ଷିପ୍ତ ରିପୋର୍ଟ ସପ୍ତାହକ ମଧ୍ୟରେ ବିଭାଗୀୟ ସଚିବଙ୍କ ନିକଟରେ ଦାଖଲ କରିବା ଲାଗି କୁହାଯାଇଛି । ଏଥିସହିତ ଆକାଂକ୍ଷୀ ବ୍ଲକ୍ ଓ ଅନୁନ୍ନତ ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରି ବିଭିନ୍ନ ଜିଲ୍ଲାର ମାସିକିଆ ଟୁର୍ କ୍ୟାଲେଣ୍ଡର ପ୍ରସ୍ତୁତ କରିବାପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

***Puri/R***

## ପ୍ରଭାତୀ ପରିଡ଼ା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ପୁରୀ ନିମାପଡ଼ା ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଧଳେଶ୍ୱର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୁଧେଇ ପ୍ରାଇମେରୀ ସ୍କୁଲ୍‌ର ୧ କୋଟି ଟଙ୍କା ବ୍ୟୟ ବରାଦରେ ନୂତନ ଶ୍ରେଣୀଗୃହର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଶ୍ରୀମତୀ ପରିଡ଼ା ବଳଙ୍ଗା ମହାବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଛନ୍ତି । ପରେ ସାଇଁସଶାସନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ନୂତନ ଗୃହର ଶିଳାନ୍ୟାସ କରିଥିଲେ ।

***BBSR/R***

# ରକ୍ତଶିକୁଳି

ରାଜ୍ୟରେ ରକ୍ତଶିକୁଳି ଓ ଥାଲାସେମିଆ ରୋଗର ପରିଚାଳନା ନେଇ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଅଶ୍ୱତୀ ଏସ୍.ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରକ୍ତଶିକୁଳି ରୋଗ ଏବଂ ଥାଲାସେମିଆର ବର୍ତ୍ତମାନ ସ୍ଥିତି, ପ୍ରାରମ୍ଭିକ ଅନୁସନ୍ଧାନ, ପ୍ରତିରୋଧମୂଳକ ବ୍ୟବସ୍ଥା, ଚିକିତ୍ସା ସୁବିଧା ଓ ରୋଗୀସେବା ସମ୍ପର୍କରେ ସମୀକ୍ଷା ହୋଇଥିଲା । ଏହାସହ ପରୀକ୍ଷଣ, ଜେନେଟିକ୍ କାଉନ୍‌ସେଲିଂ ଏବଂ ନିଦାନ ସୁବିଧା ବାବଦରେ ମଧ୍ୟ ଆଲୋଚନା ହୋଇଥିଲା । ବର୍ତ୍ତମାନ ରାଜ୍ୟର ୨୧ଟି ଜିଲ୍ଲାକୁ ଜାତୀୟ ସିକିଲ୍‌ସେଲ୍, ଆନେମିଆ ନିରାକରଣ ମିଶନରେ ଅନ୍ତର୍ଭୁକ୍ତ କରାଯାଇଛି ।

***Desk***

# ଗାନ୍ଧିଜୀ - ଓଡ଼ିଶା ଗସ୍ତ

ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଥର ଓଡ଼ିଶା ଗସ୍ତର ଶତବାର୍ଷିକୀ ପୂରଣ ଅବସରରେ ଆଜି କଟକର ସ୍ୱରାଜ ଆଶ୍ରମରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ୧୯୨୫ ମସିହା ଅଗଷ୍ଟ ୧୯ ଓ ୨୦ ଦୁଇଦିନ ଧରି ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ

ଦେଇଥିଲେ। ଏହି ଅବସରରେ ଏକ ଶାନ୍ତି ସଦ୍‌ଭାବନା ପଦଯାତ୍ରା ସ୍ୱରାଜ ଆଶ୍ରମରୁ ବାହାରି ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ :

ଜାତିର ପିତା ମହାତ୍ମାଗାନ୍ଧି ୧୯୨୫ ମସିହା ଅଗଷ୍ଟ ମାସ ୧୯ ତାରିଖରେ ହାଓ୍ୱଡ଼ା-ପୁରୀ ଏକ୍ସପ୍ରେସ୍‌ରେ ଓଡ଼ିଶାରେ ଆସି ପହଞ୍ଚିଥିଲେ । ଅଗଷ୍ଟ ୧୯ ଓ ୨୦ ତାରିଖ ଦୁଇଦିନ ଗାନ୍ଧିଜୀ କଟକଠାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମହାତ୍ମାଗାନ୍ଧିଙ୍କୁ ସ୍ୱାଗତ କରିବାପାଇଁ ଓଡ଼ିଆଜାତିର ତିନି ବରପୁତ୍ର ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁଦାସ ଓ ଗୋପବନ୍ଧୁ ଚୌଧୁରୀ କଟକ ରେଳଷ୍ଟେସନ୍‌ରେ ପହଞ୍ଚିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ନିମନ୍ତ୍ରଣ କ୍ରମେ ଜାତିର ପିତା ମହାତ୍ମା ଗାନ୍ଧୀ ଦ୍ୱିତୀୟ ଥର ପାଇଁ ଓଡ଼ିଶା ଆଗମନ ପଛରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା, ମଧୁସୂଦନ ଦାସଙ୍କ ଉତ୍କଳ ଟ୍ୟାନେରୀ ବୁଲି ଦେଖିବା । ଗାନ୍ଧିଜୀ ଉତ୍କଳ ଟ୍ୟାନେରୀ ବୁଲି ଦେଖିବା ସହ ସେଠାରେ ଅସ୍ପୃଶ୍ୟତା ଉପରେ ଏକ ଜନସମାବେଶକୁ ସମ୍ବୋଧିତ କରିଥିଲେ, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ଗାନ୍ଧିଜୀ କହିଥିଲେ, ଯେତେଦିନଯାଏଁ ଭାରତରୁ ଅସ୍ପୃଶ୍ୟତ ନ ହଟିଛି, ସେତେଦିନ ଯାଏ ସ୍ୱରାଜ୍ୟ ଆସିବ ନାହିଁ । ସମସ୍ତ ଶ୍ରମିକ ଟ୍ୟାନେରୀ ପ୍ରତି ସହାନୁଭୂତିପୂର୍ବକ କାର୍ଯ୍ୟ କରିବାପାଇଁ ଗାନ୍ଧିଜୀ ପରାମର୍ଶ ଦେଇଥିଲେ । ପରେ ସନ୍ଧ୍ୟା ସମୟରେ କଟକ ଟାଉନ୍ ହଲ୍‌ଠାରେ ଗାନ୍ଧିଜୀ ଏକ ବୈଠକରେ ଯୋଗଦେବା ସହ କୁଷ୍ଠାଶ୍ରମକୁ ଯାଇଥିଲେ । ୨୦ ତାରିଖ ସକାଳେ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟସ୍ଥିତ ଚର୍ଚ୍ଚରେ ଆଧ୍ୟାତ୍ମିକ ଉପରେ ଆଲୋଚନା

କରିଥିଲେ । ପରେ ବାପୁ ସ୍ୱରାଜ ଆଶ୍ରମ ଯାଇ ସୂତାକଟା ପ୍ରଦର୍ଶନୀ ଦେଖିବା ସହ ଓଡ଼ିଶାକୁ ଗରିବୀମୁକ୍ତ କରିବାପାଇଁ ସମସ୍ତଙ୍କୁ ଚରଖାରେ ସୂତା କାଟିବାପାଇଁ ପରାମର୍ଶ ଦେଇଥିଲେ । ପରେ ପୁରୀ-ହାୱଡ଼ା ଏକ୍ସପ୍ରେସ୍‌ରେ ଗାନ୍ଧିଜୀ କଲିକତା ଫେରିଯାଇଥିଲେ ।

**ଆକାଶବାଣୀ କଟକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।**

***Boudh/R***

# ଫିଡେ ରେଟିଂ ଚେସ୍

ବୌଦ୍ଧଠାରେ ଚାଲିଥିବା ୬୫ତମ ଷ୍ଟେଟ୍ ସିନିୟର୍ ଫିଡେ ରେଟିଂ ଚେସ୍ ଚାମ୍ପିୟନ୍‌ସିପ୍ ଉଦ୍‌ଯାପିତ ହୋଇଯାଇଛି । ଗତ ୫ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତାରେ ଗଜପତି ଜିଲ୍ଲାର ତପନ ବଡ଼ମୁଣ୍ଡି ଚାମ୍ପିୟନ୍ ହୋଇଥିବାବେଳେ କଟକର ନିଲସୁ ପଟ୍ଟନାୟକ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଖୋର୍ଦ୍ଧାର ସାତ୍ତ୍ୱିକ ସ୍ୱାଇଁ ରହିଛନ୍ତି ।

******